# ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ,ସୁନ୍ଦରଗଡ

**OFFICE OF THE CHIEF DISTRICT VETERINARY OFFICER, SUNDARGARH**
**AT/PO- RANGADHIPA, DIST. SUNDARGARH PIN-770002**
**E-mail id- odisun-nadrs@nic.in PHONE-06622-275094**


[ବିଜ୍ଞାପନ]

ପତ୍ର ସଂଖ୍ୟା......1799...... ତାରିଖ ......21.06.2021......

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ସୁନ୍ଦରଗଡଙ୍କ ଅଧିନରେ ୧୭ ଗୋଟି ବ୍ଲକସ୍ତରୀୟ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ୟୁନିଟ୍ (Mobile Veterinary Unit) ମଧ୍ୟରୁ ୧୨ ଟି ପ୍ରାଣୀ ଚିକିତ୍ସା ସହାୟକ (Livestock Assistant)ପଦବୀ ନିମନ୍ତେ (ସବ୍‌ଡେଗା, ସୁନ୍ଦରଗଡ, ବଣେଇ, ଲହୁଣୀପଡା, ବାଲିଶଙ୍କରା ବ୍ୟତିତ) ଚୁକ୍ତି ଭିତିକ ପଦ୍ଧତିରେ ପୂରଣ କରିବା ପାଇଁ ରାଜ୍ୟ ସରକାର ନିଷ୍ପତି ଗ୍ରହଣ କରିଛନ୍ତି । ତଦନୁଯାୟୀ ଅବସର ଗ୍ରହଣ କରିଥିବା ପ୍ରାଣୀଧନ ନିରୀକ୍ଷକ(Livestock Inspector)/ ପ୍ରାଣୀ ଚିକିତ୍ସା ସହାୟକ ବିଶେଷଜ୍ଞ (Veterinary Technician) ଇତ୍ୟାଦିଙ୍କୁ ଯୋଗ୍ୟତା ଭିତିରେ ଉପରୋକ୍ତ ପଦବୀରେ ନିଯୁକ୍ତ କରାଯିବ ।

ଇଚ୍ଛୁକ ଏବଂ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥିନୀ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ସୁନ୍ଦରଗଡ (Chief District Veterinary Officer, Sundargarh) ଙ୍କୁ ନିର୍ଦ୍ଧାରିତ ନିମ୍ନ ପ୍ରଦତ ଦରଖାସ୍ତ ଫର୍ମରେ ଓ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆବେଦନ କରିବେ ।
ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ୟୁନିଟ୍ (Mobile Veterinary Unit)ରେ ଚୁକ୍ତି ଭିତିକ ପ୍ରାଣୀ ସହାୟକ (Livestock Assistant) ପଦବୀ ନିଯୁକ୍ତି ସମ୍ବନ୍ଧରେ ଆବଶ୍ୟକୀୟ ସର୍ତାବଳୀ ନିମ୍ନରେ ପ୍ରଦାନ କରାଗଲା ।

୧. **ଆବଶ୍ୟକୀୟ ଯୋଗ୍ୟତା-**

କ. ପ୍ରାର୍ଥୀ/ପ୍ରାର୍ଥିନୀ ଓଡିଶା ସରକାରଙ୍କ ଦ୍ୱାରା ପ୍ରାଣୀ ସମ୍ପଦ ବିକାଶ ବିଭାଗ ଅଧିନସ୍ଥ ପ୍ରାଣୀ ଚିକିତ୍ସା ସହାୟକ କେନ୍ଦ୍ର କିମ୍ବା ପ୍ରାଣୀ ଚିକିତ୍ସାଳୟରେ ପ୍ରାଣୀଧନ ନିରୀକ୍ଷକ (Livestock Inspector)/ପ୍ରାଣୀ ଚିକିତ୍ସା ସହାୟକ ବିଶେଷଜ୍ଞ (Veterinary Technician) ଇତ୍ୟାଦି ପଦବୀରେ କାର୍ଯ୍ୟ କରିଥିବା ଆବଶ୍ୟକ ।

ଖ. ପ୍ରାର୍ଥୀ /ପ୍ରାର୍ଥିନୀ ଉତମ ଚରିତ୍ରର ହୋଇଥିବେ ।

ଗ. ବିବାହିତ ପ୍ରାର୍ଥୀ /ପ୍ରାର୍ଥିନୀଙ୍କର ଗୋଟିଏ ସ୍ତ୍ରୀ / ସ୍ୱାମୀରୁ ଅଧିକ ନ ଥିବେ ।

୨. **ବୟସ ସୀମା-** ଅବସର ପ୍ରାପ୍ତ ପ୍ରାର୍ଥୀ /ପ୍ରାର୍ଥିନୀଙ୍କ ବୟସ ୬୫ ବର୍ଷ ରୁ ଅଧିକ ହୋଇ ନ ଥିବା ଆବଶ୍ୟକ ।

୩. **ଶାରୀରିକ ଯୋଗ୍ୟତା-** ପ୍ରାର୍ଥୀ /ପ୍ରାର୍ଥିନୀ ଶାରୀରିକ ଭାବେ ସମ୍ପୁର୍ଣ୍ଣ କାର୍ଯ୍ୟକ୍ଷମ (Physically fit) ହୋଇଥିବେ ଏବଂ ତାଙ୍କର ଉତମ ସ୍ୱାସ୍ଥ୍ୟ, (Sound Health Good Physique).ଚଳ ଚଂଚଳ ଅଭ୍ୟାସ (Active Habit) ଥାଇ କୌଣସି ଶାରିରୀକ ତୃଟି (Physical Defect) କିମ୍ବା ମାନସିକ ଅକ୍ଷମତା(Mental Infirmity) ନ ଥିବା ଆବଶ୍ୟକ ।

୪. **ଦରଖାସ୍ତ ପ୍ରକ୍ରିୟା-** ପ୍ରାର୍ଥୀ/ପ୍ରାର୍ଥିନୀ ନିମ୍ନ ନିର୍ଦ୍ଧାରିତ ଫର୍ମ ଅନୁଯାୟୀ ଆବେଦନ ପତ୍ର ଏବଂ ଆବଶ୍ୟକ ପ୍ରମାଣ ପତ୍ରର ଅବିକଳ ନକଲର ନିଜସ୍ୱ ସାକ୍ଷର (self attested copy) ଥାଇ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ସୁନ୍ଦରଗଡ(Chief District Veterinary Officer, Sundargarh, At/Post. Rangadhipa, Dist. Sundargarh, PIN-770002)ଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ । ***ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ –ତା ୦୫.୦୭.୨୦୨୧ +ଅପରାହ୍ନ ୫.୦୦ ଘଟିକା*** । ଉକ୍ତ ସମୟ ସୀମା ପରେ ପହଂଚିଥିବା ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ । ଆବଶ୍ୟକୀୟ ପ୍ରମାଣ ପତ୍ରର ଅବିକଳ ନକଲର ନିଜସ୍ୱ ସାକ୍ଷର (self attested copy) ଦ୍ୱାରା ସତ୍ୟାପିତ ହୋଇ ନ ଥିବା ଦରଖାସ୍ତ ଗୁଡିକ ନାକଚ ହୋଇଯିବ । ପ୍ରାର୍ଥୀ / ପ୍ରାର୍ଥିନୀ ବ୍ୟକ୍ତିଗତ ଭାବେ କିମ୍ବା ରେଜିଷ୍ଟ୍ରି ଡାକ କିମ୍ବା ସ୍ପିଡ୍ ପୋଷ୍ଟ ମାଧ୍ୟମରେ ଦରଖାସ୍ତ ଆବେଦନ କରିପାରିବେ । ପ୍ରାର୍ଥୀ/ପ୍ରାର୍ଥିନୀ ଡାକ ଦ୍ୱାରା ପଠାଇଥିବା ଦରଖାସ୍ତ ବିଳମ୍ବରେ ପହଂଚିଲେ କର୍ତୃପକ୍ଷ ଦାୟୀ ରହିବେ ନାହିଁ । ଦରଖାସ୍ତ ପଠାଇବା ଲଫାପା ଉପରେ "***ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ୟୁନିଟ୍ (Mobile Veterinary Unit)ରେ ଚୁକ୍ତି ଭିତିକ ପ୍ରାଣୀ ସହାୟକ (Livestock Assistant)***" ପଦ ପାଇଁ ଦରଖାସ୍ତ ଉଲ୍ଲେଖ କରିବା ଆବଶ୍ୟକ । ପ୍ରକାଶ ଥାଉ କି, ଯେ କୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ବାତିଲ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କ ସଂରକ୍ଷିତ ରହିଅଛି ।

ବି.ଦ୍ର. ***୧. ବ୍ଲକ୍ ସ୍ତରରେ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ୟୁନିଟ୍ (Mobile Veterinary Unit) କାର୍ଯ୍ୟକ୍ଷମ ହେବା ପରେ ଚୟନ କରାଯାଇଥିବା ପ୍ରାର୍ଥୀ / ପ୍ରାର୍ଥିନୀଙ୍କୁ ନିଯୁକ୍ତ କରାଯିବ ।***

***୨. ନିର୍ଦ୍ଧାରିତ ପଦବୀ ସଂଖ୍ୟା ଠାରୁ ଅଧିକ ଯୋଗ୍ୟ ଆବେଦନକାରୀ ଉପଲବ୍ଧ ହେଲେ ସାକ୍ଷାତକାର ଭିତିରେ ପ୍ରାର୍ଥୀ/ପ୍ରାର୍ଥିନୀ ଙ୍କୁ ଚୟନ କରାଯିବ ।***

***୩. ଏହି ନିଯୁକ୍ତି ପାଇଁ ଜିଲ୍ଲା ସ୍ତରୀୟ ଜାତିଗତ ସଂରକ୍ଷଣ ନିୟମ କାର୍ଯ୍ୟ କରିବ ନାହିଁ ।***

ଡ ବିକାଶ ଚନ୍ଦ୍ର ମିଶ୍ର

ସ୍ୱା- ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ସୁନ୍ଦରଗଡ

MVU ADVBERTISEMENT 2020-21 (21.06.2021)

ଜ୍ଞାପକ ପତ୍ର ସଂଖ୍ୟା......1800...... ତାରିଖ ......21.06.21......

ଏହାର ଏକ କିତା ନକଲ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ, ସୁନ୍ଦରଗଡ/ପାନପୋଷ/ ବଣେଇ /ଉପନିର୍ଦ୍ଦେଶକ, ସଦର ପ୍ରାଣୀ ଚିକିତ୍ସା ଳୟ, ସୁନ୍ଦରଗଡ / ସମସ୍ତ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ, ସୁନ୍ଦରଗଡଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ଏବଂ ନିଜସ୍ୱ କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ସର୍ବସାଧାରଣଙ୍କ ଗୋଚରାର୍ଥେ ପ୍ରଦର୍ଶିତ କରିବା ପାଇଁ ଅନୁରୋଧ କରାଗଲା ।

ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ସୁନ୍ଦରଗଡ

ଜ୍ଞାପକ ପତ୍ର ସଂଖ୍ୟା......1801...... ତାରିଖ ......21.06.21......

ଏହାର ଏକ କିତା ନକଲ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସୁନ୍ଦରଗଡଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ଏବଂ ନିଜସ୍ୱ କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ସର୍ବସାଧାରଣଙ୍କ ଗୋଚରାର୍ଥେ ପ୍ରଦର୍ଶିତ କରିବା ପାଇଁ ଅନୁରୋଧ କରାଗଲା ।

ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ସୁନ୍ଦରଗଡ

ଜ୍ଞାପକ ପତ୍ର ସଂଖ୍ୟା......1802...... ତାରିଖ ......21.06.21......

ଏହାର ଏକ କିତା ନକଲ ଜିଲ୍ଲା ସୂଚନା ଅଧିକାରୀ, ସୁନ୍ଦରଗଡଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ଏବଂ ଜିଲ୍ଲା **website** (NIC) ରେ ସର୍ବସାଧାରଣଙ୍କ ଗୋଚରାର୍ଥେ ପ୍ରଦର୍ଶିତ କରିବା ପାଇଁ ଅନୁରୋଧ କରାଗଲା ।

ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ସୁନ୍ଦରଗଡ

ଜ୍ଞାପକ ପତ୍ର ସଂଖ୍ୟା......1803...... ତାରିଖ ......21.06.21......

ଏହାର ଏକ କିତା ନକଲ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ସର୍ବସାଧାରଣଙ୍କ ଗୋଚରାର୍ଥେ ପ୍ରଦର୍ଶିତ କରିବା ପାଇଁ ଅନୁରୋଧ କରାଗଲା ।

ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ସୁନ୍ଦରଗଡ

ଜ୍ଞାପକ ପତ୍ର ସଂଖ୍ୟା......1804...... ତାରିଖ ......21.06.21......

ଏହାର ଏକ କିତା ନକଲ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ଏବଂ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ସର୍ବସାଧାରଣଙ୍କ ଗୋଚରାର୍ଥେ ପ୍ରଦର୍ଶିତ କରିବା ପାଇଁ ଅନୁରୋଧ କରାଗଲା ।

ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ସୁନ୍ଦରଗଡ

ଜ୍ଞାପକ ପତ୍ର ସଂଖ୍ୟା......1805...... ତାରିଖ ......21.06.21......

ଏହାର ଏକ କିତା ନକଲ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ସୁନ୍ଦରଗଡଙ୍କ ନୋଟିସ୍ ବୋର୍ଡରେ ସର୍ବସାଧାରଣଙ୍କ ଗୋଚରାର୍ଥେ ପ୍ରଦର୍ଶନ କରାଗଲା ।

ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ସୁନ୍ଦରଗଡ